# NATIONAL NEWS BULLETIN (ODIA)

## 21 September - 2025

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ଦ୍ୱାରା ବଦଳିବ ଦେଶର ଅଭିବୃଦ୍ଧିର କାହାଣୀ– କହିଛନ୍ତି ପ୍ରଧାନମନ୍ତ୍ରୀ
- ପ୍ରତିରକ୍ଷା ଚିକିତ୍ସା ଓ ରଣନୈତିକ ସହଯୋଗ ବୃଦ୍ଧି ନେଇ ଭାରତ ଓ ଆମେରିକା ସେନା ମଧ୍ୟରେ ସହମତି ପ୍ରକାଶ
- ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରା ଗସ୍ତ କରି ଆସନ୍ତାକାଲି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ଗତ ୧୧ ବର୍ଷରେ କୃଷି କ୍ଷେତ୍ରକୁ ବଜେଟ୍ ଆବଣ୍ଟନ ବୃଦ୍ଧି କୃଷକଙ୍କୁ କରିଛି ସଶକ୍ତ

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାର ସୁପର୍-ଫୋର୍ ପର୍ଯ୍ୟାୟରେ ଆଉ କିଛି ସମୟ ପରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ

# ପିଏମ୍ ଆଡ୍ରେସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଗାମୀ ଜି.ଏସ୍.ଟି. ସଂସ୍କାର ଆସନ୍ତାକାଲି ନବରାତ୍ରିର ପ୍ରଥମ ଦିନରୁ ହିଁ ଲାଗୁ ହେବ। ଆଜି ସନ୍ଧ୍ୟାରେ ଦେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଆସନ୍ତାକାଲିଠାରୁ ଜିଏସଟି ସଞ୍ଚୟ ଉତ୍ସବ ଆରମ୍ଭ ହେବ ଏବଂ ଜନସାଧାରଣ କମ୍ ମୂଲ୍ୟରେ ନିଜ ପସନ୍ଦର ସାମଗ୍ରୀ କିଣିପାରିବେ। ଶ୍ରୀ ମୋଦୀ କହିଛନ୍ତି, ଏହି ସଂସ୍କାର ଦ୍ୱାରା ଦେଶର ଅଭିବୃଦ୍ଧିର କାହାଣୀ ବଦଳିବ ଏବଂ ଯୁବକ, ନବ ମଧ୍ୟବିତ୍ତ ବର୍ଗ, କୃଷକ, ମହିଳା ଓ ଉଦ୍ୟୋଗୀମାନେ ଏହି ଉତ୍ସବରୁ ଉପକୃତ ହେବେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି, ଦେଶର ବିକାଶ ଯାତ୍ରାରେ ପ୍ରତ୍ୟେକ ରାଜ୍ୟ ସମାନ ଅଂଶୀଦାର ହେବେ। ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର, 'ସଞ୍ଚୟ ଉତ୍ସବ' ଏବଂ 'ନବରାତ୍ରୀ' ପାଇଁ ସେ ଦେଶକୁ ଶୁଭେଚ୍ଛା ଜଣାଇଛନ୍ତି।

**V/O– PM-GST-BACHT**

ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ଟିକସ ବ୍ୟବସ୍ଥାକୁ ସରଳ କରିଛନ୍ତି। ସେ କହିଛନ୍ତି, ତାଙ୍କ ସରକାର ୨୦୧୪ରେ କ୍ଷମତାକୁ ଆସିବା ପରେ ରାଜ୍ୟ ଏବଂ ଅଂଶୀଦାରମାନଙ୍କ ସହ ପରାମର୍ଶ କରି ଜିଏସଟିକୁ ପ୍ରାଥମିକତା ପ୍ରଦାନ କରିଥିଲେ। ଶ୍ରୀ ମୋଦୀ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ମିଳିତ ପ୍ରୟାସରେ ବିଭିନ୍ନ ବର୍ଗରେ ଏକାଧିକ ଟିକସ

ଉଚ୍ଛେଦ କରାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ, ସ୍ୱାସ୍ଥ୍ୟ ବୀମା ଆଦି ୫ ପ୍ରତିଶତ ଟିକସ ପରିସରଭୁକ୍ତ ହୋଇଛି । ସେ କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ୨୫ କୋଟି ଲୋକ ଦାରିର୍ଦ୍ୟରୁ ଉର୍ଦ୍ଧ୍ୱକୁ ଉଠିଥିବାବେଳେ ମଧ୍ୟବିତ୍ତ ଶ୍ରେଣୀର ଟିକସ ବୋଝ ହ୍ରାସ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଦ୍ୱାରା ଗରିବ, ମଧ୍ୟବିତ୍ତ ବର୍ଗଙ୍କୁ ଦ୍ୱିଗୁଣିତ ଲାଭ ମିଳିଛି ଏବଂ ଏବେ ସେମାନେ କର୍ମ ଖର୍ଚ୍ଚରେ ଉପକରଣ ଓ ଯାନବାହନ କ୍ରୟ କରି କରିପାରିବେ । ସେ କହିଛନ୍ତି, ହୋଟେଲ ମୂଲ୍ୟ ହ୍ରାସ ପାଇବା ସହ ପର୍ଯ୍ୟଟନ ଶିଳ୍ପ ମଧ୍ୟ ଲାଭବାନ ହୋଇପାରିବ ।

ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ସରକାର 'ନାଗରିକ ଦେବ ଭବ' ମନ୍ତ୍ର ସହିତ ଆଗକୁ ବଢୁଛନ୍ତି । ପ୍ରଧାନମନ୍ତ୍ରୀ ଭାରତରେ ବିନିର୍ମାଣ ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଥିବାରୁ ଦେଶ ଗର୍ବିତ ମନେ କରୁଛି ।

## ଇଣ୍ଡିଆ-ୟୁଏସ୍ କୋଅପରେସନ୍

ପ୍ରତିରକ୍ଷା ଚିକିତ୍ସା ଏବଂ ରଣନୈତିକ ସହଯୋଗ ବୃଦ୍ଧି ପାଇଁ ଭାରତ ଏବଂ ଆମେରିକା ସେନା ମଧ୍ୟରେ ସହମତି ପ୍ରକାଶ ପାଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ମହାନିର୍ଦ୍ଦେଶକ ତଥା ସର୍ଜନ ଭାଇସ ଆଡମିରାଲ ଆରତୀ ସରିନ୍‌ଙ୍କ ନେତୃତ୍ୱରେ ଭାରତୀୟ ସଶସ୍ତ୍ର ବାହିନୀ ଚିକିତ୍ସା ସେବା ଅଧିକାରୀଙ୍କ ଏକ ପ୍ରତିନିଧି ଦଳ

ହୋନୋଲୁଲୁ ଏବଂ ହାୱାଇରେ ଆମେରିକାର ସଶସ୍ତ୍ର ବାହିନୀ ଚିକିତ୍ସା ସୁବିଧା ପରିଦର୍ଶନ କରିଥିଲେ। ଗସ୍ତ ସମୟରେ, ଦଳ କର୍ମଚାରୀସ୍ତରୀୟ ଆଲୋଚନା କରିବା ସହ ସାମରିକ, ସାମୁଦ୍ରିକ ଏବଂ ବିମାନ ଚଳାଚଳ ଔଷଧ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସ ଆଦାନ ପ୍ରଦାନ କରାଯାଇଥିଲା। ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ଅଭ୍ୟାସରେ ଡାକ୍ତରୀ ଅଂଶଗ୍ରହଣ ବୃଦ୍ଧି କରିବାର ଉପାୟ ମଧ୍ୟ ସ୍ଥିର କରାଯାଇଥିଲା। ଏହି ଗସ୍ତ ପ୍ରତିରକ୍ଷା ଚିକିତ୍ସା ସହଯୋଗ ଏବଂ ରଣନୈତିକ ସହଯୋଗକୁ ଅଧିକ ସୁଦୃଢ଼ କରିଛି। ଭାରତୀୟ ପ୍ରତିନିଧି ଦଳ ଆମେରିକାର ସଶସ୍ତ୍ର ବାହିନୀର ଚିକିତ୍ସା ସୁବିଧାର ଅଧ୍ୟୟନ ଗସ୍ତରେ ହାୱାଇର ହୋନୋଲୁଲୁରେ ଅବସ୍ଥାନ କରୁଛନ୍ତି।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରା ଗସ୍ତ କରିବେ । ଗସ୍ତ ସମୟରେ ଶ୍ରୀ ମୋଦୀ ୫ହଜାର ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଅରୁଣାଚଳ ପ୍ରଦେଶରେ ୩ହଜାର ୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨ଟି ପ୍ରମୁଖ ଜଳ ବିଦ୍ୟୁତ୍ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏଥିରେ ଅରୁଣାଚଳ ପ୍ରଦେଶର ସିୟୋ ଅବବାହିକାରେ ୨୪୦ ମେଗାୱାଟ୍‌ର ହିଓ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ୧୮୬ ମେଗାୱାଟର ଟାଟୋ-

୧ ଜଳ ବିଦ୍ୟୁତ୍ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଶ୍ରୀ ମୋଦୀ ତୱାଙ୍ଗରେ ଏକ ଅତ୍ୟାଧୁନିକ ସମ୍ମିଳନୀ କେନ୍ଦ୍ରର ମଧ୍ୟ ଶିଳାନ୍ୟାସ କରିବେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷୀ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ମାର୍କେଟ ମନ୍ତ୍ର'ରେ, 'ଆମେ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର' ବିଷୟରେ ଆସନ୍ତାକାଲି ଅପରାହ୍ନ ୬ ଟା ୩୦ ମିନିଟ୍‌ରେ ଆଲୋଚନା ହେବ। ଆମ ସହିତ ଅର୍ଥ ମନ୍ତ୍ରଣାଳୟର ଅଧିକାରୀ ଏବଂ ଅର୍ଥନୈତିକ ବିଶ୍ଳେଷକ ଏଥିରେ ଯୋଗଦେବେ। କାର୍ଯ୍ୟକ୍ରମ ସମୟରେ, ଶ୍ରୋତାମାନେ ଆମର ବିଶେଷଜ୍ଞମାନଙ୍କୁ ଜିଏସଟି ସମ୍ବନ୍ଧୀୟ ପ୍ରଶ୍ନ ପଚାରିବାର ସୁଯୋଗ ପାଇବେ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଟେଲିଫୋନ୍ ନମ୍ବର ୦୧୧-୨୩୭-୧୭୧-୧୭ ଏବଂ ୦୧୧-୨୩୩-୧୪-୪୪, ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଡାଏଲ୍ କରିବେ। ବିକଳ୍ପ ଭାବେ ହ୍ୱାଟସ୍ ଆପ୍ ମାଧ୍ୟମରେ ୯୨୮୯-୦୯୪-୦୪୪ ନମ୍ବରକୁ ମଧ୍ୟ ଆପଣଙ୍କ ପ୍ରଶ୍ନ ପଠାଇପାରିବେ।

# ସେବାପର୍ବ-ଫାଇନାନସିଆଲ ସିକ୍ୟୁରିଟି

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି  କୃଷକମାନଙ୍କ ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିଛନ୍ତି।

ପ୍ରତ୍ୟେକ ଦିନ ପ୍ରାତଃ ମୁହୂର୍ତ୍ତରେ ଦେଶର କୃଷକ ତାର କ୍ଷେତରେ ପରିଶ୍ରମ କରି ବିଭିନ୍ନ ଫସଲ ଉତ୍ପାଦ କରିଥାଏ। ଯାହା ଆମ ଦେଶର ବିକାଶର କେନ୍ଦ୍ରବିନ୍ଦୁ ହୋଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୃଷକଙ୍କ ଆୟକୁ ସୁନିଶ୍ଚିତ କରିବା ପାଇଁ ଏବଂ କୃଷି କାର୍ଯ୍ୟରେ ସହଜତା ଲାଗି ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ କହିଛନ୍ତି...

**V/O– PM on Farmer**

କୃଷକମାନଙ୍କ ବହୁବିଧ କଲ୍ୟାଣ ନିମନ୍ତେ କେନ୍ଦ୍ର ସରକାର କୃଷି କ୍ଷେତ୍ର ନିମନ୍ତେ ବଜେଟ୍ ଆବଣ୍ଟନ ବୃଦ୍ଧି କରିଛନ୍ତି। ୨୦୧୩-୧୪ ଆର୍ଥିକ ବର୍ଷରେ କୃଷି କ୍ଷେତ୍ର ଲାଗି ବଜେଟ୍ ପରିମାଣ ୨୭ ହଜାର କୋଟି ଟଙ୍କାରୁ ଅଧିକ ଥିବାବେଳେ ଏବେ ଏହା ୧ ଲକ୍ଷ ୩୭ ହଜାର କୋଟିରୁ ଅଧିକ ଟଙ୍କାରେ ପହଁଞ୍ଚିଛି। ପିଏମ୍ କିଶାନ ଯୋଜନାରେ ୧୧ କୋଟିରୁ ଅଧିକ କୃଷକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। କିଶାନ କ୍ରେଡିଟ କାର୍ଡ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଜରିଆରେ କୃଷକମାନଙ୍କୁ ଆର୍ଥିକ ସଶକ୍ତ କରାଯିବା ସହିତ ସେମାନେ ଯେଭଳି ପାଣିପାଗ ସମ୍ପର୍କରେ ତ୍ୱରିତ ସୂଚନା ପାଇପାରିବେ ସେ ନେଇ ମଧ୍ୟ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ

କରାଯାଇଛି । କୃଷି ସିଚାଇ ଯୋଜନାରେ ଅରୁଣାଚଳ ପ୍ରଦେଶର ଜଣେ କୃଷକ କହିଛନ୍ତି...

**Bytes– Farmer**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗଦର୍ଶନରେ ଭାରତ ଏବେ ଖାଦ୍ୟ ସୁରକ୍ଷାରୁ କୃଷକଙ୍କ ବିକାଶ ଦିଗରେ ଗତି କରୁଛି । ଦେଶକୁ ଅନ୍ନଦାତାଭାବେ ପ୍ରତିଫଳିତ କରିବା ଲାଗି ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ ପାଇଛି ।

**Seba Parba Closing**

# ଜେକେ ବୈଷ୍ଣୋ ଦେବୀ

ଜାମ୍ମୁ-କାଶ୍ମୀରର କଟ୍ରା ଏବଂ ତ୍ରିକୁଟ ପାହାଡ଼ ଉପରେ ଥିବା ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିରରେ ଆସନ୍ତାକାଲିଠାରୁ ନବରାତ୍ର ଉତ୍ସବ ପାଳନ ଆରମ୍ଭ ହେବ । ଆକାଶବାଣୀ ଜାମ୍ମୁ ସମ୍ବାଦଦାତା କହିଛନ୍ତି, ତୀର୍ଥଯାତ୍ରୀମାନଙ୍କ ପାଇଁ ଏକ ଆଧ୍ୟାତ୍ମିକ ସମୃଦ୍ଧ ଏବଂ ସୁଗମ ତୀର୍ଥଯାତ୍ରା ଅନୁଭୂତି ସୁନିଶ୍ଚିତ କରିବା ପାଇଁ ମନ୍ଦିର ବୋର୍ଡ ପକ୍ଷରୁ ବିସ୍ତୃତ ବ୍ୟବସ୍ଥା କରାଯାଇଛି । ନଅ ଦିନିଆ ଉତ୍ସବ ପାଇଁ ଭବନ, ଅର୍ଦ୍ଧକୁଓ୍ୱାରୀ, ଭୈରୋନ୍ ମନ୍ଦିର ଏବଂ ଗୁମ୍ଫା ମନ୍ଦିରକୁ ଯାଉଥିବା ସମଗ୍ର ରାସ୍ତାକୁ ପୁଷ୍ପ, ରଙ୍ଗୀନ ଆଲୋକ ଏବଂ ପାରମ୍ପାରିକ ଢଙ୍ଗରେ ସଜା ଯାଇଛି ।  ମାର୍ଗରେ ସୁରକ୍ଷା ଏବଂ ଚିକିତ୍ସା ସୁବିଧାକୁ ସୁଦୃଢ଼ କରିବା ସହିତ ଆଲୋକୀକରଣ, ସ୍ୱଚ୍ଛତା ଏବଂ ଭିଡ଼ ପରିଚାଳନା ଉପରେ ମନ୍ଦିର ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

# ପିଆଇବି- ଫ୍ୟାକ୍ଟ ଚେକ୍- ଏମ୍ଆଇବି

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ’ ହିନ୍ଦୀ ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ଅଧିକ ଉର୍ଦ୍ଦୁ ଶବ୍ଦ ବ୍ୟବହାର ନକରିବା ଓ ଭାଷା ବିଶେଷଜ୍ଞ ନିଯୁକ୍ତ କରିବା ନେଇ କୌଣସି  ନିର୍ଦ୍ଦେଶ  ଦେଇ ନ ଥିବା ସ୍ୱଷ୍ଟ କରିଛି । ପତ୍ର ଓ ସୂଚନା କାର୍ଯ୍ୟାଳୟର ସତ୍ୟ ଅନୁସନ୍ଧାନକାରୀ ଦଳ ଏହି ଦାବିକୁ ବିଭ୍ରାନ୍ତିକର ବୋଲି କହିଛି ।  ସରକାର ନାଗରିକମାନଙ୍କୁ ଏପରି ବିଭ୍ରାନ୍ତିକର ତଥ୍ୟ ଉପରେ ନିର୍ଭର ନକରିବା ପାଇଁ ଅନୁରୋଧ କରିଛନ୍ତି ।

# କ୍ରିକେଟ

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାରେ ସୁପର-୪ ପର୍ଯ୍ୟାୟରେ ଆଜି ଦୁବାଇରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟଥର ଲାଗି ଉଭୟ ଦେଶ ସାମ୍ନାସାମ୍ନି ହେବେ । ଗତ ସପ୍ତାହରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା ।